# ହାଣ୍ଡି ଖତ






## ଆବଶ୍ୟକୀୟ ସାମଗ୍ରୀ

| | |
|---|---|
| • ବଡ ମାଠିଆ - ଆନୁମାନିକା (୫ - ୭ ଲିଟର କ୍ଷମତା) | - ୧ଟା |
| • ଦୁଇ ଦିନର ଗୋବର | - ୧ କି.ଗ୍ରା. |
| • ଗୋମୂତ୍ର | - ୫ ଲିଟର |
| • ଗୁଡ | - ୫୦ ଗ୍ରାମ |
| • କରଞ୍ଜ ପତ୍ର | - ୧ କି.ଗ୍ରା. |
| • ନିମ୍ବ ପତ୍ର | - ୧ କି.ଗ୍ରା. |
| • ଅରଖ ପତ୍ର | - ୧ କି.ଗ୍ରା. |
| • ବାଡି | - ୧ଟି |
| • ଛଣା କପଡା | - ୧ ଟି |

## ପ୍ରସ୍ତୁତି ପ୍ରଣାଳୀ

ନିମ୍ବ, ଅରଖ ଓ କରଞ୍ଜ ପତ୍ରକୁ ଟିକି ଟିକି କରି କାଟନ୍ତୁ ଏବଂ ମାଠିଆ ଭିତରେ ପକାନ୍ତୁ । ଏହାପରେ ଆବଶ୍ୟକୀୟ ଗୋବର, ଗୋମୂତ୍ର ଏବଂ ଗୁଡକୁ ମାଠିଆରେ ପକାଇ ଏକ ବାଡି ଦ୍ୱାରା ଭଲ ଭାବରେ ଘାଣ୍ଟନ୍ତୁ । ପରେ ମାଠିଆର ମୁହଁକୁ ଭଲ ଭାବରେ ଘୋଡାଇ ଦିଅନ୍ତୁ । ଏହି ମିଶ୍ରଣକୁ ୧୦ ଦିନ ଏକ ନିରାପଦ ଓ ଛାଇ ସ୍ଥାନରେ ରଖନ୍ତୁ । ପ୍ରତ୍ୟେକ ଦିନ ସକାଳ ଓ ସନ୍ଧ୍ୟାରେ ଏକ ବାଡି ସାହାଯ୍ୟରେ ଘାଣ୍ଟି ମାଠିଆ ମୁହଁକୁ ଘୋଡାଇ ଦିଅନ୍ତୁ । ୧୦ ଦିନପରେ ଅନ୍ୟ ଏକ ପାତ୍ରକୁ ଏକ ଛଣା କପଡା ସାହାଯ୍ୟରେ ତରଳ ହାଣ୍ଡିଖତକୁ ଛାଣନ୍ତୁ । ଏହି ତରଳ ପଦାର୍ଥକୁ ୬ ମାସ ପର୍ଯ୍ୟନ୍ତ ରଖି ବ୍ୟବହାର କରି ପାରିବେ । ମାଠିଆରୁ ତରଳ ପଦାର୍ଥ ନିଷ୍କାସନ ପରେ ପୁନର୍ବାର ଏଥିରେ ୫ ଲିଟର ଗୋମୂତ୍ର ମିଶାଇ, ଭଲ ଭାବରେ ଘାଣ୍ଟି ପୁଣି ୧୦ ଦିନ ପାଇଁ ଘୋଡାଇ ଦିଅନ୍ତୁ । ଏହିପରି ତରଳ ହାଣ୍ଡିଖତ ନିଷ୍କାସନ କରି ଓ ଗୋମୂତ୍ର ପୁନର୍ବାର ମିଶାଇ ଏହାକୁ ତିନିଥର ପର୍ଯ୍ୟନ୍ତ ବ୍ୟବହାର କରି ପାରିବେ । ତିନିଥର ବ୍ୟବହାର ପରେ ମାଠିଆରେ ଥିବା ଖତକୁ ଜମିରେ ପକାଇ ଦିଅନ୍ତୁ ।

## ପ୍ରୟୋଗ ପ୍ରଣାଳୀ

- ମାଣ୍ଡିଆ ରୋପାର ୨୦-୩୦ ଦିନ ପରେ ୧ ଲିଟର ହାଣ୍ଡିଖତରେ ୪୦ ଲିଟର ପାଣି ମିଶାଇ ପ୍ରତିଷେଧକ ରୂପେ ବ୍ୟବହାର କରନ୍ତୁ
- ଫସଲରେ ରୋଗ ଓ ପୋକ ଲାଗିରେ ୧ ଲିଟର ହାଣ୍ଡିଖତରେ ୨୦ ଲିଟରେ ପାଣି ମିଶାଇ ନିରାକରଣ ପାଇଁ ପ୍ରୟୋଗ କରନ୍ତୁ ଏହା ପତ୍ରକଟା ପୋକ, ନଳିପୋକ, ଲେଡାପୋକ, ପତ୍ରମୋଡା ପୋକ ମାନଙ୍କୁ ଦମନ କରେ ।
- ୧ ଲିଟର ପାଣିରେ ୨୦ ମି.ଲି. ହାଣ୍ଡିଖତ ମିଶାଇ ଯେ କୌଣସି ବିହନ କୁ ୧୫ ରୁ ୨୦ ମିନିଟ ପର୍ଯ୍ୟନ୍ତ ବତୁରାଇ ବୁଣିପାରିବା । ଏହା ଫସଲକୁ କବକ ଓ ଜୀବାଣୁ ଜନିତ ରୋଗରୁ ରକ୍ଷା କରିଥାଏ ।

# ଜୀବାମୃତ




ଗୋବର


ଗୋମୂତ୍ର


ପ୍ଲାଷ୍ଟିକ ଡ୍ରମ


ଗୁଡ


ଡାଲି ଚୂନା


ଉଈ ହୁଙ୍କା ମାଟି

## ଆବଶ୍ୟକୀୟ ସାମଗ୍ରୀ

- ଗୋଟିଏ ବଡ ଡ୍ରମ - ୨୦୦ ଲିଟରରୁ ଅଧିକ ଜଳ ଧାରଣ କରିପାରୁଥିବ
- କଞ୍ଚା ଗୋବର - ୧୦ କି.ଗ୍ରା.
- ଗୋମୂତ୍ର - ୫ ରୁ ୧୦ ଲିଟର
- ଗୁଡ - ୨ କି.ଗ୍ରା.
- ଡାଲି ଚୂନା - ୨ କି.ଗ୍ରା.
- ଉଈ ହୁଙ୍କା ବା ବରଗଛ ତଳ ଉର୍ବର ମାଟି - ୧ କି.ଗ୍ରା.

## ପ୍ରସ୍ତୁତି ପ୍ରଣାଳୀ (ଏକ ଏକର୍ ପାଇଁ)

ଏକ ଡ୍ରମରେ ୨୦୦ଲିଟର ପାଣି ନିଅନ୍ତୁ । ଉପରେ ଦର୍ଶାଯାଇଥିବା ସାମଗ୍ରୀକୁ ସେଥିରେ ଭଲ ଭାବରେ ମିଶାନ୍ତୁ । ଏହାପରେ ଡ୍ରମର ମୁହଁକୁ ଭଲ ଭାବରେ ବନ୍ଦ କରି ଏକ ଛାଇ ଜାଗାରେ ରଖନ୍ତୁ । ପ୍ରତିଦିନ ମିଶ୍ରଣକୁ ଏକ ବାଡି ସାହାଯ୍ୟରେ ସକାଳ ଓ ସନ୍ଧ୍ୟାରେ ଗୋଳାନ୍ତୁ । ଏହି ପରି ୭ ଦିନ ପର୍ଯ୍ୟନ୍ତ କରନ୍ତୁ ,ଏହାଦ୍ୱାରା ଗୋବର, ଗୋମୂତ୍ର ଏବଂ ଉର୍ବର ମୃତ୍ତିକାରେ ଥିବା ଅଣୁଜୀବ ମାନଙ୍କ ସଂଖ୍ୟା ବୃଦ୍ଧି ପାଇ ସମୁଦାୟ ମିଶ୍ରଣ ଜୀବାମୃତରେ ପରିଣତ ହୋଇଯିବ ।

## ପ୍ରୟୋଗ ପ୍ରଣାଳୀ

- ଡ୍ରମରୁ ଜୀବାମୃତକୁ ଭଲ ଭାବରେ ଛାଣି, ୯ ରୁ ୧୨ ଦିନ ମଧ୍ୟରେ ପ୍ରୟୋଗ କଲେ ଅଣୁଜୀବମାନେ ସକ୍ରିୟ ହୋଇ ଗଛକୁ ଖାଦ୍ୟସାର ପ୍ରଦାନ କରିଥାନ୍ତି ।
- ଜଳ ସେଚନ ସମୟରେ ସେଚିତ ଜଳ ସହ ବୁନ୍ଦା ବୁନ୍ଦା କରି ପ୍ରବାହିତ କରି ଦିଅନ୍ତୁ କିମ୍ବା ୧୦ ଲିଟର ପାଣିରେ ୧ ଲିଟର ଜୀବମୃତକୁ ଗୋଳାଇ ସିଂଚନ ଯନ୍ତ୍ର ସାହାଯ୍ୟରେ ପତ୍ର ସିଂଚନ କରନ୍ତୁ ।
- ଫଳଗଛ ବା ଫୁଲଗଛ ଆଦିର ମୂଳରେ ମୃତ୍ତିକାରେ ଆଦ୍ରତା ଥିବା ସମୟରେ ସିଞ୍ଚନ କରନ୍ତୁ ।

## ସାବଧାନତା

- ଗୁଡକୁ ଡ୍ରମର ଦ୍ରବଣରେ ମିଶାଇବା ପୂର୍ବରୁ ଏହାକୁ ଗୁଣ୍ଡ କରି ବା ପାଣିରେ ବତୁରାଇ ମିଶାନ୍ତୁ ।
- ଡାଲିଚୂନାକୁ ମଧ୍ୟ ଦ୍ରବଣରେ ମିଶାଇବା ପୂର୍ବରୁ ଅନ୍ୟ ଏକ ପାତ୍ରରେ ଥଣ୍ଡା ପାଣି ନେଇ ଗୋଳାଇ ମିଶାନ୍ତୁ ।
- ଯଦି ଏହି ଦୁଇ ସାମଗ୍ରୀକୁ ସିଧାସଳଖ ଡ୍ରମରେ ଥିବା ଦ୍ରବଣରେ ମିଶାଇବେ ତାହା ବିଣ୍ଡା ହୋଇ ଯିବ ।

ODISHA MILLETS MISSION
WASSAN

# ଘନ ଜୀବାମୃତ

## ଉପାଦେୟତା

ମୃତ୍ତିକାରେ ଅଣୁଜୀବର ପରିମାଣ ବଢାଇବା ପାଇଁ ଏବଂ ଫସଲକୁ ଠିକ ଭାବରେ ଖାଦ୍ୟସାର  ମିଳିବା ପାଇଁ ଏହି ଘନ ଜୀବାମୃତ ପ୍ରୟୋଗ କରାଯାଏ। ଏହାର ପ୍ରସ୍ତୁତ ପ୍ରଣାଳୀ ଓ ଆବଶ୍ୟକ ପଦାର୍ଥ ସହଜରେ ମିଳିପାରେ। ଛୋଟ ଓ ନାମ ମାତ୍ର ଚାଷୀ ଏହାକୁ ପ୍ରସ୍ତୁତ କରି ପ୍ରୟୋଗ କରିପାରିବେ ।




## ଆବଶ୍ୟକୀୟ ସାମଗ୍ରୀ

- ଏକ ସପ୍ତାହର ଗୋବର - ୧୦୦ କି.ଗ୍ରା
- ଗୁଡ - ୨ କି.ଗ୍ରା
- ବେସନ କିମ୍ବା ବିରିଚୂନା କିମ୍ବା ମୁଗଚୂନା - ୨ କି.ଗ୍ରା
- ଉଈ ହୁଙ୍କା ମାଟି କିମ୍ବା ବର ଗଛ ତଳମାଟି - ୧ ମୁଠା
- ଗୋମୂତ୍ର - ଆବଶ୍ୟକ ଅନୁଯାଇ
- ପଲିଥିନ ଚାଦର - ୧ ଟି

## ପ୍ରସ୍ତୁତି ପ୍ରଣାଳୀ

- ଆବଶ୍ୟକ ଅନୁସାରେ ଗୋବର, ଗୁଡ, ଡାଲି ଚୂନା ଏବଂ ମାଟିକୁ ଭଲ ଭାବରେ ଏକ ପଲିଥିନ ଚାଦର ଉପରେ ମିଶାନ୍ତୁ ।
- ଏହି ମିଶ୍ରଣରେ ଗୋମୂତ୍ରକୁ ଧୀରେ ଧୀରେ ମିଶାନ୍ତୁ, ଯେପରି କି ଏହା ଏକ କଠିନ ଅବସ୍ଥାକୁ ଆସିବ ।
- ଏହାକୁ ଘଷି ପାରିଲାପରି ପାରି ଛାଇ ସ୍ଥାନରେ ଶୁଖାନ୍ତୁ  କିମ୍ବା ଏକ ଛାଇ ସ୍ଥାନରେ ଏହାକୁ ଖେଳାଇ ଶୁଖାନ୍ତୁ ।

## ପ୍ରୟୋଗ ପ୍ରଣାଳୀ

୧୦କେ.ଜି ଘନ ଜୀବମୃତକୁ ଗୁଣ୍ଡ କରି ୧୦୦କେ.ଜି ସଢା ଗୋବର ଖତରେ ଭଲ ଭାବରେ ମିଶାନ୍ତୁ ।  ଶେଷ ଥର ହଳ କରିବା ପୂର୍ବରୁ, ଏହି ମିଶ୍ରଣକୁ ଜମିରେ ପ୍ରୟୋଗ କରି ହଳ କରି ଦିଅନ୍ତୁ ।

ODISHA MILLETS MISSION
WASSAN